# ଗ୍ରାମବାସୀଙ୍କ ଦ୍ୱାରା ନିର୍ମିତ କାଠପୋଲକୁ ବନ୍ଦକଲା ପ୍ରଶାସନ

ରାୟଗଡ଼ା,୧୭।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ତଳସାଜା ଗ୍ରାମ ନିକଟରେ ନାଗାବଳୀ ନଦୀ ଉପରେ ଗ୍ରାମବାସୀ ମିଳିତ ଭାବେ ନିର୍ମାଣ କରିଥିବା କାଠପୋଲକୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ବନ୍ଦ କରିଦିଆଯାଇଛି। ପୋଲକୁ ଯିବା ବାଟରେ ଏକ ବ୍ୟାନର ଲଗାଇ ଯାତାୟାତ ଉପରେ ରୋକ ଲଗାଇଛି ବ୍ଲକ୍ ପ୍ରଶାସନ। କଲ୍ୟାଣସିଂହପୁର ତହସିଲ ଅନ୍ତର୍ଗତ ଶିକରପାଇ ରାଜସ୍ୱ ନୀରିକ୍ଷକ ବିଶ୍ୱନାଥ ଶବର ସେହି ସ୍ଥାନକୁ ଯାଇ ରାସ୍ତା ବନ୍ଦ ଲେଖା ଥିବା ଏକ ବ୍ୟାନର ଟଙ୍ଗାଇଛନ୍ତି । ଅପରପକ୍ଷେ ପ୍ରଶାସନର ଏହି ପଦକ୍ଷେପକୁ ବିରୋଧ କରିଛନ୍ତି ତଳସାଜା ଓ ଉପରସାଜା ଗ୍ରାମବାସୀ। ଆମର ଯାତାୟତ ସୁବିଧା ପାଇଁ ଆମେ ନଦୀରେ କାଠପୋଲ ନିର୍ମାଣ କଲୁ। କିନ୍ତୁ ପ୍ରଶାସନ ବନ୍ଦ କରିବା ପାଇଁ କିଏ ବୋଲି ପ୍ରଶ୍ନ କରିଛନ୍ତି। ଯଦି ପ୍ରଶାସନ ଏହାକୁ ବନ୍ଦ କରିବା ପାଇଁ ଇଚ୍ଛୁକ ତେବେ ଆମର ସୁବିଧା ପାଇଁ ପ୍ରଥମେ ଏକ ସ୍ଥାୟୀ ପୋଲ ନିର୍ମାଣ କରନ୍ତୁ ବୋଲି ଦାବି କରିଛନ୍ତି। ଏଭଳିକି ପ୍ରଶାସନର ଏହି କଟକଣାକୁ ଆମେ ମାନିବୁ ନାହିଁ ବୋଲି ପ୍ରକାଶ କରିଛନ୍ତି। ଫଳରେ ଗମନାଗମନକୁ ନେଇ ଏକ ନୂଆ ବିବାଦ ସୃଷ୍ଟି ହେବାର ସମ୍ଭାବନାକୁ ଏଡାଇ ହେଉନାହିଁ। ବିପଦଜନକ ଯାତ୍ରା ଉପରେ କଟକଣା ଜାରି କରିବା ପାଇଁ ପ୍ରଶାସନ ଏହି ପଦକ୍ଷେପ ଗ୍ରହଣ କରିଥିଲେ ମଧ୍ୟ ଲୋକେ ପ୍ରତିବର୍ଷ ଜାନୁଆରୀ ମାସରେ କାଠ ପୋଲ ନିର୍ମାଣ କରି ୬ ମାସ ତାହା ଉପରେ ଯାତାୟାତ କରି ଆସୁଛନ୍ତି। ଗତ ୫ ବର୍ଷ ହେବ ଏହି ପ୍ରକ୍ରିୟା ଜାରି ରହିଛି। ହେଲେ ଜାନୁଆରୀ ପହିଲାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଲୋକଙ୍କ ଯାତାୟାତ ସମ୍ପର୍କରେ ପ୍ରଶାସନ ନିକଟରେ ଖବର ନ ଥିଲା। ଗତ ୧୫ ତାରିଖରେ ବିଭିନ୍ନ ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇବା ପରେ ଏବେ ପ୍ରଶାସନର ନିଦ ଭାଙ୍ଗିଲା କାହିଁକି ବୋଲି ସ୍ଥାନୀୟ ସ୍ୱେଚ୍ଛାସେବୀ ପ୍ରଶ୍ନ କରିଛନ୍ତି।



ପ୍ରଶାସନ ପକ୍ଷରୁ ଲଗାଯାଇଥିବା ବ୍ୟାନର।

**ବ୍ୟାନର ଲଗାଇ ଯାତାୟାତ ଉପରେ ରୋକ୍ ଲଗାଇଲେ**

ପ୍ରକାଶଥାଉକି, ଗମନାଗମନ ସୁବିଧା ପାଇଁ ନାଗାବଳୀ ନଦୀ ଉପରେ ଗୋଟିଏ ପୋଲ ନିର୍ମାଣ ପାଇଁ ତଳସାଜା ଓ ଉପରସାଜା ଗ୍ରାମବାସୀ ଦୀର୍ଘ ବର୍ଷ ଧରି ସରକାରଙ୍କୁ ନିବେଦନ କରିଆସୁଛନ୍ତି। ହେଲେ ପୋଲ ନିର୍ମାଣ ପାଇଁ ଡିପିଆର ଦାଖଲ କଥା କହି ଗତ ୨ବର୍ଷ ହେବ ଗ୍ରାମ୍ୟ ନିର୍ମାଣ ବିଭାଗ ସେମାନଙ୍କୁ ଭୁଆଁ ବୁଲାଉଛି ବୋଲି ଗ୍ରାମବାସୀ କହିଛନ୍ତି। ତେଣୁ ଲୋକେ ନିଜ ଉଦ୍ୟମରେ ନାଗାବଳୀ ନଦୀରେ କାଠପୋଲ ନିର୍ମାଣ କରି ଯାତାୟାତ କରୁଛନ୍ତି। ଏହାଦ୍ୱାରା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତର ତଳସାଜା ଓ ଉପରସାଜା ସମେତ ପଲମା ପଞ୍ଚାୟତର ମାଣ୍ଡିପଦର, ଏରେଗେଣ୍ଡା, କୁଶବାଟି, ମାଝିଗୁଡା ପଞ୍ଚାୟତର କଟଲପାଡୁ, ନିମାଖୋଲା ଓ ରଘୁନାଥପୁର ଗ୍ରାମବାସୀ ସୁବିଧାରେ ଯାତାୟତ କରୁଛନ୍ତି।

# ପାହାଡ଼ ଉପରୁ ଯୁବକଙ୍କ ମୃତଦେହ ଜବତ

ରାୟଗଡ଼ା,୧୭।୧(ଆଶିଷ ରଞ୍ଜନ ପଣ୍ଡା)



ରାୟଗଡ଼ା ସହର ଉପକଣ୍ଠସ୍ଥ ବାଇସିଂ ପଞ୍ଚାୟତ ଧୁମାଗୁଡ଼ା ଗ୍ରାମ ନିକଟସ୍ଥ ରାସ୍ତା କଡ଼ରେ ଥିବା ଏକ ଛୋଟ ପାହାଡ ଉପରେ ଶୁକ୍ରବାର ଏକ ଯୁବକଙ୍କ ମୃତଦେହ ଠାବ ହୋଇଛି। ମୃତକ ହେଲେ କାଶୀପୁର ବ୍ଲକ ରେଙ୍ଗା ପଞ୍ଚାୟତ ପଟାମୁଣ୍ଡା ଗ୍ରାମର ପବିତ୍ର ନାଏକ(୨୨)। ମୃତଦେହ ନିକଟରେ ମଦ ବୋତଲ, କପା ଔଷଧ ସମେତ ମୋବାଇଲ ଓ କିଛି ଟଙ୍କା ପଡ଼ିଥିବା ରାୟଗଡ଼ା ଟାଉନ ଥାନା ଆଇଆଇସି କେକେବିକେ କହଁର ସୂଚନା ଦେଇଛନ୍ତି। ତେଣୁ ପୁଅକୁ ହତ୍ୟା କରାଯାଇଛି ନା ଆତ୍ମହତ୍ୟା ସେ ନେଇ ପୋଲିସକୁ ଅଧିକା ତଦନ୍ତ କରିବା ପାଇଁ ପରିବାରବର୍ଗ ପୋଲିସକୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ତଦନ୍ତ କରୁଥିବା ଏସଡିପିଓ ରଶ୍ମିରଞ୍ଜନ ସେନାପତି ସୂଚନା ଦେଇଛନ୍ତି। ଆଇଆଇସି କହଁରଙ୍କ ନେତୃତ୍ୱରେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଅନ୍ୟପଟେ ଏହି ଅଞ୍ଚଳ ଶେଷଖାଲ ଥାନା ଅଧୀନରେ ଆସୁଥିବାରୁ ଏହି ମାମଲା ଶେଷଖାଲ ଥାନାକୁ ହସ୍ତାନ୍ତର କରାଯାଇଛି।

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ରାୟଗଡ଼ା,୧୭।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ଉପକଣ୍ଠସ୍ଥ ଧୁମାଗୁଡ଼ା ପାହାଡ଼ ନିକଟରେ ଶୁକ୍ରବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଠାବ ହୋଇଥିବା ବେଳେ ସନ୍ଧ୍ୟାରେ ଆଉ ଜଣେ ବିବାହିତା ମହିଳାଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଜବତ କରିଛି ଟାଉନ ଥାନା ପୋଲିସ । ମୃତ ମହିଳା ହେଲେ ରାଣୀଗୁଡ଼ା ବାସିନ୍ଦା ଭଜନ ନାଗଙ୍କ ପତ୍ନୀ ନଳିନୀ ନାଗ (୨୫) । ଘଟଣାରୁ ପ୍ରକାଶ, ନଳିନୀଙ୍କ ସ୍ୱାମୀ ଭଜନ ସକାଳେ ପବିତ୍ରଙ୍କ ମୃତ୍ୟୁ ଖବର ଶୁଣି ଘଟଣାସ୍ଥଳକୁ ଚାଲିଯାଇଥିଲେ । ଏହାପରେ ସେ ପବିତ୍ରଙ୍କ ମୃତଦେହ ସହିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ । ଭଜନଙ୍କ ଛୋଟ ଝିଅ ଏକୁଟିଆ ବାହାରେ ବୁଲୁଥିବା ଜଣେ ସାଙ୍ଗ ତାଙ୍କୁ କହିବାରୁ ଭଜନ ଘରକୁ ଫେରି ଦେଖିବା ବେଳକୁ ପତ୍ନୀ ଘରେନାହାନ୍ତି । ଏହାପରେ ସେ ବାଥରୁମ୍ ଯିବାରୁ ଏକ ଶାଢ଼ୀରେ ଝୁଲନ୍ତା ଅବସ୍ଥାରେ ନଳିନୀଙ୍କ ମୃତଦେହ ଦେଖି ଟାଉନ ଥାନାକୁ ଜଣାଇଥିଲେ । ଏଏସ୍‌ଆଇ ରବୀନ୍ଦ୍ର ପାତ୍ର ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ଏ ନେଇ ଆଇଆଇସି କେକେବିକେ କହଁରଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି ।

# ପଦ୍ମଶ୍ରୀ ଶାନ୍ତି ଦେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା


ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଉଛି।

ଗୁଣପୁର,୧୭।୧(ପ୍ରଦୀପ କୁମାର ପାଢ଼ୀ)

ସାମାଜିକ କର୍ମୀ, ସର୍ବୋଦୟ ନେତ୍ରୀ ତଥା ସେବା ସମାଜର ପ୍ରତିଷ୍ଠାତା ସ୍ୱର୍ଗତ ପଦ୍ମଶ୍ରୀ ଶାନ୍ତି ଦେବୀଙ୍କ ତୃତୀୟ ବାର୍ଷିକୀ ଶ୍ରଦ୍ଧାଞ୍ଜଳି ସଭା ସେବା ସମାଜ ଜବରଗୁଡ଼ାଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସଭାରେ ଜବରଗୁଡ଼ା, ଡକାଶିକୁଳା, ଲକ୍ଷ୍ମଣଗୁଡା ଆଦି ଆଖପାଖ ଅଞ୍ଚଳବାସୀ ଯୋଗଦେଇ ସ୍ମୃତି ଚାରଣ କରିଥିଲେ। ସଭାରେ ସେବା ସମାଜର ଏଜୁକେଶନାଲ କମ୍ପ୍ଲେକ୍ସ ଓ ଜବରଗୁଡ଼ା ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ ଯୋଗଦେଇଥିଲେ। ସେବା ସମାଜର ସଭାପତି ମାୟା ଶବର ପ୍ରଦୀପ ପ୍ରଜ୍ୱଳନକରି ସଭାକୁ ଉଦ୍‌ଘାଟନ କରିଥିଲେ। ସେବା ସମାଜର ସମସ୍ତ ଅନ୍ତେବାସୀ ସର୍ବଧର୍ମ ପ୍ରାର୍ଥନା ସଭା ଆରମ୍ଭ କରିଥିଲେ। ଝରଣା ନାଏକ, ରଶ୍ମିତା ପାଣି, ପ୍ରମିଳା ଶବର, ସସ୍ମିତା ପାଣି, ସରସ୍ୱତୀ ସାହୁ, ସ୍ନେହଲତା ଗନ୍ତାୟତ, ନିହାରିକା ପ୍ରଧାନ, ଜସ୍ମିନା ଶବର, ପାରମା ଶବର, ସ୍ୱର୍ଣ୍ଣଲତା ନାଏକ, ସତ୍ୟନାରାୟଣ ବେହେରା, ଲକ୍ଷ୍ମୀ ଶବର, ଇନ୍ଦ୍ରା ଶବର ଓ ଖମାପଦର ସରପଞ୍ଚ କେଶ୍ୱରୀ ଶବର, ଅକ୍ଷୟ ଦାଶ, ରଞ୍ଜିତ ପାଢ଼ୀ, ରାଜେଶ ପାଢ଼ୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶାନ୍ତିଦେବୀଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ପାଦିକା ରାଜେଶ୍ୱରୀ ଦଳେଇ ସଭା ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ନମିତା ମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଗତ ବର୍ଷର ଚାଉଳ ଫେରାଇନାହାନ୍ତି ୨ମିଲର

ରାୟଗଡ଼ା,୧୭।୧(ଆଶିଷ ରଞ୍ଜନ ପଣ୍ଡା)

୨୦୨୩-୨୪ ବର୍ଷର ଖରିଫ୍ ଧାନ ନେଇଥିବା ଜିଲାର ଦୁଇ ମିଲର ଅଦ୍ୟାବଧି ଚାଉଳ ଫେରାଇ ନ ଥିବା ଜଣାପଡ଼ିଛି । ହେଲେ ଏ ନେଇ ଜିଲା ଯୋଗାଣ ବିଭାଗ ପକ୍ଷରୁ ମିଲରଙ୍କ ବିରୋଧରେ କୌଣସି ଦୃଢ଼ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି । ଧର୍ମକୁ ଆଖିଠାର ଭଳି କେବଳ ଗୋଟିଏ ନୋଟିସ ଜାରି କରି ଜିଲା ଯୋଗାଣ ବିଭାଗ ଦାୟିତ୍ୱ ସାରିଦେଇଥିବା ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ପ୍ରକାରେ, ଗତବର୍ଷ ଯେଉଁସବୁ ମିଲର୍ ମଣ୍ଡିରୁ ଧାନ ନେଇଥିଲେ ସେମାନେ ନିଜର ଚାଉଳ ସରକାରଙ୍କୁ ଫେରାଇ ଦେଇଛନ୍ତି। ହେଲେ ରାୟଗଡାର ଗୌରୀଶଙ୍କର ରାଇସ ମିଲ୍

**କେବଳ ନୋଟିସ ଜାରି କରି ଯୋଗାଣ ବିଭାଗ ଚୁପ୍**

ବର୍ତ୍ତମାନ ସୁଦ୍ଧା ୧୪ ହଜାର ୩୩୭.୭ କୁଇଣ୍ଟାଲ ଚାଉଳ ଫେରାଇବା ବଦଳରେ ୧୦ ହଜାର ୮୯୮ କୁଇଣ୍ଟାଲ ଚାଉଳ ଫେରାଇଛି। ସେହିଭଳି ରାମନାଗୁଡାର ରାମା ରାଇସ ମିଲ୍ ଗତବର୍ଷର ୪ ହଜାର ୪ ହଜାର ୯୦୮.୪ କୁଇଣ୍ଟାଲ ଚାଉଳ ଫେରାଇବା ବଦଳରେ ୪ ହଜାର ୫୮୯.୬ କୁଇଣ୍ଟାଲ ଚାଉଳ ଫେରାଇଛି। ଏକ ବର୍ଷ ପୂରି ଚଳିତ ବର୍ଷ ମଣ୍ଡି ଆରମ୍ଭ ହୋଇ ୧ମାସ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ଚାଉଳ ଫେରାଇ ନାହାଁନ୍ତି ଦୁଇ ମିଲର୍ । ତେବେ ସବୁ ଜାଣିବା ପରେ ମଧ୍ୟ ଜିଲା ଯୋଗାଣ ବିଭାଗ କାହିଁକି ଚୁପ୍ ବସିଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣା ଏବେ ତଦନ୍ତ ସାପେକ୍ଷ ବୋଲି ଚାଷୀ ମହଲରେ ଦାବି ହୋଇଛି। ଏହାଦ୍ୱାର ସରକାରଙ୍କ ଲକ୍ଷାଧିକ ଟଙ୍କା କ୍ଷତି ଘଟୁଥିଲେ ମଧ୍ୟ ଉପରୋକ୍ତ ଦୁଇ ମିଲର୍ ଉକ୍ତ ଧାନ ନିଜ ବ୍ୟବସାୟରେ ଲଗାଇ ବେଶ ମୁନାଫା କମାଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଦାଶରଥୀ ସୋରେନଙ୍କୁ ପଚାରିବାରୁ ଦୁଇ ମିଲର୍ ଚାଉଳ ଫେରାଇ ନ ଥିବା ନେଇ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ଜଣାଇବା ସହିତ ସେମାନଙ୍କୁ ନୋଟିସ କରିଛୁ ବୋଲି କହିଛନ୍ତି। ତତ୍‌ସହିତ ଚଳିତବର୍ଷ ଧାନ ମଣ୍ଡିରୁ ଧାନ ନେବା ପାଇଁ ସେମାନଙ୍କୁ ଅନୁମତି ଦିଆଯାଇନାହିଁ।

# କଳିଙ୍ଗ ସାମ୍ବାଦିକ ସଂଘର କର୍ମକର୍ତ୍ତା ଚୟନ



ବୈଠକରେ ଯୋଗ ଦେଇଥିବା ଖବରଦାତା।

ଗୁଣପୁର,୧୭।୧(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଉପଖଣ୍ଡ କଳିଙ୍ଗ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ଚୟନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସଂଘର ଆବାହକ ଶକ୍ତି ଦାଶଙ୍କ ତତ୍ତ୍ୱାବଧାନରେ ସମସ୍ତ ସଦସ୍ୟଙ୍କ ସମ୍ମତିକ୍ରମେ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଂଘର ନୂତନ ସଭାପତି ଭାବେ ପ୍ରଶାନ୍ତ କୁମାର କର, ଉପ ସଭାପତି ଭାବେ ସୂର୍ଯ୍ୟ ପ୍ରକାଶ ପଟ୍ଟନାୟକ, ସମ୍ପାଦକ ଭାବେ ହରିହର ଶତପଥୀ, ସହ ସମ୍ପାଦକ ବୀର କିଶୋର ନନ୍ଦ, କୋଷାଧ୍ୟକ୍ଷ ରଞ୍ଜିତ କୁମାର ପାଢ଼ୀ, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସ୍ୱପ୍ନା ତାଡିଙ୍ଗି, ମନୋଜ କୁମାର ନାଲା, ତ୍ରିପତି ବିଡିକା, ପେଦିନା ସନ୍ତୋଷ, ଗାୟତ୍ରୀ ପଣ୍ଡାଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଉପଦେଷ୍ଟା ଭାବେ ଇନ୍ଦ୍ରାକ୍ଷୀ ପ୍ରସାଦ ଦାଶ ଓ ବାସନ୍ତୀ କୁମାରୀ ପାଟ୍ଟଯୋଶୀଙ୍କୁ ଚୟନ କରାଯାଇଥିଲା । ବୈଠକରେ ସଂଘର ଆଇନ ପରାମର୍ଶଦାତା ଗୌରୀ ଶଙ୍କର ଦାଶଙ୍କ ସମେତ ଗୁଣପୁର ଉପଖଣ୍ଡର ସମସ୍ତ ବ୍ଲକର ସଦସ୍ୟ ଉପସ୍ଥିତ ଥିଲେ। ବୈଠକରେ ସଂଘର ଆଗାମୀ କାର୍ଯ୍ୟକ୍ରମ କ'ଣ ରହିବ ସେ ନେଇ ଆଲୋଚନା କରାଯାଇଥିଲା ।

# ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ ତେଜାବ

ରାୟଗଡ଼ା, ୧୭।୧ (ଭାଗ୍ୟଶ୍ରୀ ମିଶ୍ର)

**ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ**

୩୧ତମ ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ରାୟଗଡ଼ାର କ୍ରୀଡ଼ାବିତ ତେଜାବ କୁମାର ସୁନା ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଭୁବନେଶ୍ୱରର ଉତ୍କଳ କରାଟେ ସ୍କୁଲଠାରେ ୩ ଦିନ ଧରି ଆୟୋଜିତ ଏହି ପ୍ରତିଯୋଗିତା ରାୟଗଡ଼ାର କ୍ରୀଡ଼ାବିତ୍ ସୁନା ୫୯ କି.ଗ୍ରା. ବରିଷ୍ଠ ବର୍ଗରେ ମୋଟ ୫୦୦ କି.ଗ୍ରା. ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଆଗାମୀ ଫେବୃଆରୀରେ ପଞ୍ଜାବରେ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ତେଜାବ ୫୯ କି.ଗ୍ରା. ବର୍ଗରେ ଭାଗନେଇ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ ବୋଲି ସୂଚନା ମିଳିଛି। ତେବେ ୩୧ତମ ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଭାଗନେବା ପାଇଁ ରାୟଗଡ଼ା ଶକ୍ତି ଉତ୍ତୋଳନ ସଂଘର ସମ୍ପାଦକ ସଦାଶିବ ତ୍ରିପାଠୀଙ୍କ ନେତୃତ୍ୱରେ ମୋଟ ୧୮ ଜଣ ଖେଳାଳି ରାୟଗଡ଼ା ଜିଲାରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ତେଜାବ ସୁନା ଜଗତ ଜନନୀ ଜିମ୍‌ରେ ଅଭ୍ୟାସ କରୁଥିବାରୁ ଜିମ୍‌ର ସମସ୍ତ ସଦସ୍ୟ ତାଙ୍କୁ ଏଥିପାଇଁ ଶୁଭେଚ୍ଛା ଜଣାଇଛନ୍ତି ।


କ୍ରୀଡ଼ାବିତ ତେଜାବ କୁମାର ସୁନା।

# ଛାତ୍ରୀଙ୍କ ସୁରକ୍ଷା କବଚ ଆତ୍ମରକ୍ଷା କୌଶଳ ତାଲିମ


ଅତିଥିଙ୍କ ଗହଣରେ ପ୍ରମାଣପତ୍ର ପାଇଥିବା ପ୍ରଶିକ୍ଷାର୍ଥୀ।

ଗୁଣପୁର ୧୭।୧(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୀର୍ଘ ୮ଦିନ ଧରି ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଅନୁଷ୍ଠାନର ଅଧକ୍ଷ ଶଶିଭୂଷଣ ମହାନ୍ତି ସଭାପତିତ୍ୱକରି ଏହି ତାଲିମ ପ୍ରତ୍ୟେକ ଦିନ ଅଭ୍ୟାସ କରିବାକୁ ଛାତ୍ରୀଙ୍କୁ ଅନୁରୋଧ କରିଥିଲେ । ମୁଖ୍ୟ ଅତିଥି ଭାବେ ସହକାରୀ ଜିଲାପାଳ ବିପିନ ଚନ୍ଦ୍ର ନାୟକ ଯୋଗଦେଇ ଛାତ୍ରୀଙ୍କୁ ଶାରୀରିକ ଏବଂ ମାନସିକ ସ୍ତରରେ ଦୃଢ଼ ହେବା ସହ ପାଠପଢ଼ି ଭବିଷ୍ୟତରେ ସମାଜ ତଥା ଦେଶ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ତାଲିମ ଛାତ୍ରୀଙ୍କ ପାଇଁ ଏକ ସୁରକ୍ଷା କବଚ ବୋଲି ଅତିଥିମାନେ ମତ ରଖିଥିଲେ । ଅଧାପକ ଅମିୟ ରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜିକା ଅଧାପିକା ନମିତା ମୁଦୁଲି ଓ ଚିତ୍ରା ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରଥମ ବର୍ଷ କଳା ବିଭାଗର ଛାତ୍ରୀ କବିତା ପାଲକା ଶିବିରର ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ । ପ୍ରାଧାପକ ଜଗନ୍ନାଥ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶିକ୍ଷିକା ଲିଲି ମାଣ୍ଡାଙ୍ଗି ଓ ବିମଳା ଜେନାଙ୍କ ଦ୍ୱାରା ପ୍ରଶିକ୍ଷିତ କେତେକ ଆତ୍ମରକ୍ଷା କୌଶଳ ଛାତ୍ରୀ ଶିବାନୀ ଗାଣ୍ଟା, ପି.ଖୁସୁବୁ ,ସ୍ମୃତି ମାନାସିଙ୍ଗ, ବବିତା ଶବର, ସସ୍ମିତା ଶବର, ବବିତା ଶ୍ରୀରାମ ଓ ଅନ୍ୟ ଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଭାଗନେଇଥିବା ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# ଧାନଗଦାରେ ନିଆଁ, ଜଳିଗଲା ୧୫ ଶହ କୁଇଣ୍ଟାଲ

ରାୟଗଡ଼ା,୧୭।୧(ଆଶିଷ ରଞ୍ଜନ ପଣ୍ଡା)

କଲ୍ୟାଣସିଂହପୁର ବ୍ଲକ ସଦର ପଞ୍ଚାୟତର ପାଟବନ୍ଧ ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଅଚାନକ ଧାନ ଗଦାରେ ନିଆଁ ଲାଗି ପ୍ରାୟ ୧୫୦୦ କୁଇଣ୍ଟାଲ ଧାନ ପୋଡି ପାଉଁଶ ହୋଇଯାଇଛି । ଖରିଫ ଋତୁରେ ଫସଲ ଅମଳ କରି ପ୍ରାୟ ୮ଜଣ ଚାଷୀ ଖଳାରେ ୧୭ଟି ଗଦାରେ ଏହି ଧାନ ଗଚ୍ଛିତ ରଖିଥିଲେ। ପୁରେନ୍ଦ୍ର କର୍ପିକା, ନରେନ୍ଦ୍ର କର୍ପିକା, ପ୍ରସନ୍ନ ଗନ୍ତାୟତ, ଜୟସିଙ୍ଗି ହୁଇକା, ସୁବା କାଡ୍ରାକା,କୃଷ୍ଣା ତାଡିକା, ଲାଚା କାଡ୍ରାକା,ମୁରୁରି କର୍ପିକା ଫସଲ ଅମଳ କରି ମଣ୍ଡିରେ ବିକ୍ରି କରିବାକୁ ଭାବିଥିଲେ। ଶୁକ୍ରବାର ଅପରାହ୍ନ କୌଣସି କାରଣରୁ ଧାନଗଦାରେ ନିଆଁ ଲାଗି ବ୍ୟାପି ଯାଇଥିଲା। ସ୍ଥାନୀୟ ଲୋକେ ପାଣି ପକାଇ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହ ଅଗ୍ନିଶମ ବିଭାଗକୁ ଜଣାଇଥିଲେ । ଘଟଣାସ୍ଥଳରେ ଅଗ୍ନିଶମ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ସୁଦ୍ଧା ସେତେବେଳକୁ ସବୁ ଧାନ ପୋଡି ପାଉଁଶ ହୋଇଯାଇଥିଲା। ଖବରପାଇ ପୂଜାରିଗୁଡା ରାଜସ୍ୱ ନିରୀକ୍ଷକ ରାମଚନ୍ଦ୍ର ଆଚାର୍ଯ୍ୟ, ନମିତା ରାଣୀ ଗମାଙ୍ଗ ପହଞ୍ଚି କ୍ଷୟକ୍ଷତି ହୋଇଥିବା ଚାଷୀଙ୍କ ତାଲିକା ପ୍ରସ୍ତୁତ କରିଥିଲେ। ପ୍ରକାଶ ଥାଉକି ଖରିଫ ଋତୁରେ ଧାନ ପାଚିବା ସମୟରେ ଲଘୁଚାପ ବର୍ଷା ହେବା ଯୋଗୁଁ କିଛି ଫସଲ ନଷ୍ଟ ହୋଇଥିବା ବେଳେ ବର୍ତ୍ତମାନ ନିଆଁ ଲାଗି ସବୁ ନଷ୍ଟ ହୋଗଲା ବୋଲି ଚାଷୀମାନେ କହିଛନ୍ତି ।

# ବାରଦେଲଗୁଡ଼ା, ସୁଣ୍ଡିସାହି ଦଳ ବିଜୟୀ

ମୁନିଗୁଡା,୧୭।୧
(ନନ୍ଦକିଶୋର ପଟ୍ଟନାୟକ)

**ମା' ମାଣିକେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ମୁନିଗୁଡ଼ାର ଗୋବର୍ଦ୍ଧନସ୍ଥିତ ମା' ଠାକୁରାଣୀ ମନ୍ଦିର ସମ୍ମୁଖ ଖେଳ ପଡିଆରେ ଜୟ ହିନ୍ଦ୍ କ୍ଲବ୍ ଆନୁକୂଲ୍ୟରେ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଆଇନମନ୍ତ୍ରୀ ଜଗନ୍ନାଥ ସାରକା, ସମ୍ମାନିତ ଅତିଥି ସୁଧୀର କୁମାର ଦାସ, ମୁନିଗୁଡା ବିଜେଡି ବ୍ଲକ ସଭାପତି ରତନଲାଲ ଜୈନ, ଜିଲା ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼ଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ପରେ ସମସ୍ତ ଖେଳାଳି ବନ୍ଧୁତ୍ୱପୂର୍ଣ୍ଣ ଭାବେ ଏବଂ ଖେଳାଳି ମନୋଭାବ ନେଇ ଖେଳିବାକୁ ପରାମର୍ଶ ଦେଇଥିଲେ । ଉଦ୍‌ଘାଟନ ମ୍ୟାଚରେ ମୁନିଗୁଡ଼ାର ମୁନିଖୋଲ ଓ ବାରଦେଲଗୁଡ଼ା ଓ ଦ୍ୱିତୀୟ ମ୍ୟାଚ ସୁଣ୍ଡିସାହି ଓ ମେରିଙ୍ଗି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚରେ ବାରଦେଲଗୁଡା ଓ ଦ୍ୱିତୀୟ ମ୍ୟାଚରେ ସୁଣ୍ଡିସାହି ବିଜୟୀ ହୋଇଥିଲା । ଉକ୍ତ ମ୍ୟାଚକୁ ଅମ୍ପାୟର ଭାବେ ତୁଫାନ ମାଝୀ ଓ ଏ.ସଦାନନ୍ଦ ପରିଚାଳନା କରିଥିଲେ। ଏହି କ୍ରିକେଟ ଟୁର୍ନାମେଣ୍ଟରେ ୨୪ଟି ଦଳ ଭାଗ ନେଇଥିବା ବେଳେ ଆସନ୍ତା ୨୬ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି । ଟୁର୍ନାମେଣ୍ଟକୁ ଜୟ ହିନ୍ଦ୍ କ୍ଲବ୍‌ର ସଭାପତି ଏମ୍.ଚିତ୍ତରଞ୍ଜନ, ସମ୍ପାଦକ ଡି.ପରାଜୟ ଓ କୋଲକାଟ ପିଣ୍ଟୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରୁଛନ୍ତି।


ଅତିଥିମାନେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

# ଭୀମ ଭୋଇ ସାମର୍ଥ୍ୟ ଶିବିର: ୨୪୮ ଦିବ୍ୟାଙ୍ଗଙ୍କ ନାମ ପଞ୍ଜୀକୃତ

ଚନ୍ଦ୍ରପୁର,୧୭।୧(ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଚନ୍ଦ୍ରପୁର ବ୍ଲକ୍ ସଭା ଗୃହରେ ଶୁକ୍ରବାର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ କଇନ କିମ୍ବାକା, ବିଡିଓ ସୌମ୍ୟକାନ୍ତ ବଙ୍ଗୋଲ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପୁଷ୍ପଲତା ଦୀକ୍ଷିତ, ନିର୍ବାହୀ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର, ଗୁଣପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ .ସନ୍ତୋଷ କୁମାର, ରାୟଗଡ଼ା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହି, ଡ଼ା. ପ୍ରତ୍ୟୁଷ କୁମାର ମିଶ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରୋହିତ କୁମାର ପଣ୍ଡା, ବିକାଶ କୁମାର ନାୟକ , ରାୟଗଡ଼ା ଭିନ୍ନକ୍ଷମ ମହା ସଂଘ ସମ୍ପାଦକ ଅମରେନ୍ଦ୍ର ନାଥ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ପ୍ରାୟ ୨୪୮ ଜଣ ଦିବ୍ୟାଙ୍ଗ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୨୮ଜଣ ଦିବ୍ୟାଙ୍ଗଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡା. ଏମ. ସୁରେଶ କୁମାର, ମାନସିକ ଅନଗ୍ରସର ପାଇଁ ଡ଼ା. ଏ. ଗୌରୀ ଶଙ୍କର, ଅର୍ଥୋପେଡିକ ଡ଼ା. ରଞ୍ଜନ କୁମାର ସାହୁ, ମୂକବଧିର ଡ଼ା. ସଂଘମିତ୍ରା ପାତ୍ର, ସୁପ୍ରଭା ପଣ୍ଡା, ମମତା ସତପଥି, ସେକ୍ସନ ଅଫିସର ମୀନକେତନ ଗମାଙ୍ଗ ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପରେ ସେମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଏହାକୁ ଅନୁମୋଦନ କରାଯାଇ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପୁଷ୍ପଲତା ଦୀକ୍ଷିତ କହିଛନ୍ତି। ବ୍ଲକ କର୍ମଚାରୀ ବାଳକୃଷ୍ଣ ବିହାରୀ, କରୁଣାକର ସେନାପତି, ସଚିନ ହିଆଲ, ଉମା ଶଙ୍କର ରତ୍ନାଲୁ, ପ୍ରତିଭା ରଞ୍ଜନ ନାଲା, ବଳରାମ ମିଶ୍ର, ମୁନା କାଡ଼ାସିକା, ପ୍ରଭାକର ଦଳେଇ, ପ୍ରବୀର ପାତ୍ର, ସନ୍ତୋଷ ବୈଦ୍ୟ ଭୁଷଣ, ଅଜିତ ହିଆଲ,ତପନ କୁମାର ଦଣ୍ଡସେନା, ମିଳନ ଗୌଡ଼ ପ୍ରମୁଖ ଶିବିରରେ ନାମ ପଞ୍ଜୀକରଣ କରିଥିଲେ।


ନାମ ପଞ୍ଜୀକରଣ କରିବାକୁ ଆସିଥିବା ଭିନ୍ନକ୍ଷମ।

# 'ଉନ୍ନତୀକରଣ କାର୍ଯ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଅ'

କୋଟପାଡ଼, ୧୭।୧
(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ବ୍ଲକ୍ ପରିସରରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଅଧିକାଂଶ କର୍ମଚାରୀ ଅନୁପସ୍ଥିତ ଥିବାରୁ ଅସନ୍ତୋଷ ଦେଖାଦେଇଛି। ବୈଠକରେ ମୁଖ୍ୟ ଅତିଥି ସ୍ଥାନୀୟ ବିଧାୟକ ରୂପୁ ଭତ୍ରା ଓ ସମ୍ମାନୀତ ଅଥିତି ଏମ୍‌ପି ପ୍ରତିନିଧି ରାମେଶ୍ୱର ଜେନା ଯୋଗ ଦେଇଥିଲେ। ୧୭ ପଞ୍ଚାୟତର ଜନପ୍ରତିନିଧିମାନେ ଉପସ୍ଥିତ ଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଓ କୃଷି ବିଭାଗକୁ ନେଇ ଆଲୋଚନା ହୋଇଥିଲା। ବେଳେ ସରପଞ୍ଚ, ସମିତିସଭ୍ୟାମାନେ ଗ୍ରାମାଞ୍ଚଳରେ ଅଙ୍ଗନୱାଡ଼ି କେନ୍ଦ୍ରରେ ସରକାର ଯୋଗାଉଥିବା ସାମଗ୍ରୀ ଠିକ ଭାବେ ଦିଆଯାଉ ନ ଥିବା ଅଭିଯୋଗ କରିଥିଲେ। ବ୍ଲକ୍‌ର ସମସ୍ତ ଆବାସିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷୟିତ୍ରୀ ଶିକ୍ଷକ ଠିକ ସମୟରେ ପହଞ୍ଚୁ ନ ଥିବା ବିଧାୟକ କହିବା ପରେ ସଠିକ୍ ପରିଚାଳନା କରାଯାଉ ନ ଥିବା ଅଭିଯୋଗ ହୋଇଥିଲା। ଏ ନେଇ ବିଧାୟକ ଭତ୍ରା ବ୍ଲକ୍ ମଙ୍ଗଳ ଅଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ସମାଧାନ କରିବାକୁ କହିଥିଲେ। ରାଜ୍ୟ ସରକାର ଉନ୍ନତୀକରଣ ପାଇଁ କାର୍ଯ୍ୟକ୍ରମ କରୁଥିବା


ବୈଠକରେ କୋଟପାଡ଼ ବିଧାୟକ ରୂପୁ ଭତ୍ରା, ଏମ୍‌ପି ପ୍ରତିନିଧି ରାମେଶ୍ୱର ଜେନା ଓ ଅନ୍ୟ ଅଧିକାରୀ।

ବେଳେ ତାହା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ବିଧାୟକ ନିର୍ଦ୍ଦେଶ ଦେଇ ପ୍ରତ୍ୟେକ ପଞ୍ଚାୟତ ଦୁର୍ନୀତିମୁକ୍ତ କରିବାକୁ କହିଥିଲେ। ବୈଠକରେ ବିଡିଓ ବିକ୍ରମ ଦୋରା, ଅଧକ୍ଷା କୋମଳା ପୂଜାରୀ, ୨ ଜିଲା ପରିଷଦ ତ୍ରିପତୀ ଚାଲନ, ଗୀତ ମାଝୀ ଓ ଉପାଧ୍ୟକ୍ଷ ତପନ ପାଣିଗ୍ରହୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ନେଇ ବ୍ଲକ ପ୍ରଶାସନ କୌଣସି ଗଣମାଧ୍ୟମକୁ ପୂର୍ବ ସୂଚନା ଦେଇ ନ

## ପଞ୍ଚାୟତ ସମିତି ବୈଠକ

ଥିବାରୁ ଆସନ୍ତୋଷ ଦେଖାଦେଇଥିଲା। ବ୍ଲକ୍‌ରେ ସ୍ଥାୟୀ ଭାବେ ବିଭିନ୍ନ ବିଭାଗରେ କର୍ମଚାରୀ ନ ଥିବା ବେଳେ ଅନ୍ୟ ବ୍ଲକ୍‌ର ବିଭାଗୀୟ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଉଛି। କର୍ମଚାରୀ ଉପସ୍ଥିତ ରହୁନାହାନ୍ତି ତେଣୁ ଲୋକେ ବ୍ଲକ୍‌ରେ ଅଭିଯୋଗ କଲେ ମଧ ଲୋକଙ୍କ ସମସ୍ୟା ସଠିକ୍ ପରିଚାଳିତ ହେଉନଥିବା ସରପଞ୍ଚ ଓ ସମିତିସଭ୍ୟ ଅଭିଯୋଗ କରିଛନ୍ତି।

# ଜାତୀୟ ଶିକ୍ଷାନୀତି କମିଟିରେ ବୋରିଗୁମ୍ମା ସିଡିପିଓ

ବୋରିଗୁମ୍ମା/ଜୟପୁର, ୧୭।୧
(ବିଜୟ ସାହୁ/ପବନ ପାଣିଗ୍ରାହୀ)



ଜାତୀୟ ଶିକ୍ଷାନୀତି(ଏନ୍‌ଇପି)ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଷ୍ଟିଅରିଂ କମିଟି ଗଠନ କରାଯାଇଥିବା ବେଳେ ଏଥିରେ ସଦସ୍ୟା ଭାବେ କୋରାପୁଟ ଜିଲା ବୋରିଗୁମ୍ମା ସିଡିପିଓ ଗାୟତ୍ରୀ ବାହିନୀପତି ସ୍ଥାନ ପାଇଛନ୍ତି। ସ୍କୁଲ ଓ ଗଣ ଶିକ୍ଷା ବିଭାଗର ଚିଠି ନଂ.୧୩୦୪/୨୫ରେ ବୋରିଗୁମ୍ମା ସିଡିପିଓ ଗାୟତ୍ରୀ ବାହିନୀପତିଙ୍କୁ ଶିକ୍ଷାନୀତି କମିଟିର ସଦସ୍ୟା ରହିଥିବା ନେଇ ଉଲ୍ଲେଖ ରହିଛି। କମିଟିରେ ୧୬ ଜଣ ସଦସ୍ୟ ଥିବା ବେଳେ ସେମାନେ ପାଠ୍ୟ ଖସଡ଼ା ପ୍ରସ୍ତୁତ କରିବେ। ଏହାର ଅଧକ୍ଷ ଭାବେ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନଙ୍କୁ ନିଯୁକ୍ତ କରାଯାଇଛି। ଆସନ୍ତା ଶିକ୍ଷାବର୍ଷ ୨୦୨୪-୨୫ରୁ ସ୍କୁଲ ସ୍ତରରେ ଜାତୀୟ ଶିକ୍ଷାନୀତି ଲାଗୁ ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଜାନୁଆରୀ ୨୧ରୁ ୨୩ ପର୍ଯ୍ୟନ୍ତ ଏନ୍‌ଇପି କର୍ମଶାଳା ମଧ୍ୟ ଅନୁଷ୍ଠିତ ହେବ ବୋଲି ସୂଚନା ରହିଛି। ପ୍ରାଥମିକ ସ୍ତରରେ ପିଲାଙ୍କ ଶିକ୍ଷାର ଭିତ୍ତି ଠିକ ରହିବା ନେଇ ପ୍ରତି ପଞ୍ଚାୟତରେ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ କରାଯାଇ ଡିଜିଟାଲ ଶିକ୍ଷାକୁ ଗୁରୁତ୍ୱ ଦିଆଯିବା ସହ ଧନ୍ଦାମୂଳକ ଶିକ୍ଷା ମଧ ଦିଆଯିବ। ଓଡ଼ିଆ ଭାଷା କଳା ଓ ସଂସ୍କୃତିକୁ ଏଥିରେ ପ୍ରଚାର ପ୍ରସାର କରାଯିବ। ଏହାଦ୍ୱାରା ଶିକ୍ଷା ବ୍ୟବସ୍ଥାରେ ସରଳୀକରଣ ହେବ ବୋଲି କୁହାଯାଇଛି। ବୋରିଗୁମ୍ମା ଶିଶୁ ବିକାଶ ବିଭାଗରେ କାର୍ଯ୍ୟରତ ସିଡିପିଓ ଗାୟତ୍ରୀ ବାହିନୀପତି ପୂର୍ବରୁ ସର୍ବ ଭାରତୀୟ ପାଠ୍ୟ ଖସଡ଼ା ପ୍ରସ୍ତୁତି କମିଟିର ସଦସ୍ୟା ରହିଛନ୍ତି। ଏହି ଜାତୀୟ ଶିକ୍ଷାନୀତି କମିଟିରେ ସଦସ୍ୟା ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ଜିଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଦିଆଯାଇଛି।

# ଚନ୍ଦନ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପ୍ରଥମ ପ୍ରତିଷ୍ଠା ବାର୍ଷିକ ଉତ୍ସବ


କଳସଯାତ୍ରାରେ ବାହାରିଥିବା ଶ୍ରଦ୍ଧାଳୁ।

ଦଶମନ୍ତପୁର, ୧୭।୧ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ସଦର ପଞ୍ଚାୟତ ଅଧିନ ଗୌଡ଼ ବାରିକଣ୍ଠା ଗ୍ରାମରେ ମନ୍ଦିର କମିଟି ପକ୍ଷରୁ ନବ ନିର୍ମିତ ଚନ୍ଦନ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ପ୍ରଥମ ପ୍ରତିଷ୍ଠା ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ମନ୍ଦିର କମିଟିର ସଭାପତି ନାରାୟଣ ବିଷୋୟୀ ଏବଂ ତାଙ୍କ ପତ୍ନୀ କାର୍ଯ୍ୟ ତୁଲାଇଥିଲେ। ସ୍ଥାନୀୟ ଜଳେଶ୍ୱର ପୀଠ ନିକଟସ୍ଥ ତ୍ରିବେଣୀ ନଦୀରୁ ଜଳ ସଂଗ୍ରହ କରି ୨୦୮ କଳସଯାତ୍ରା କରି ଚନ୍ଦନ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ। ମହାପ୍ରଭୁଙ୍କ କର୍ମ କରାଯାଇଥିବା ବେଳେ ଶନିବାର ଚନ୍ଦନ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ଯଜ୍ଞ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଥିବା ମନ୍ଦିର ପୂଜକ ତଥା କମିଟି ସମ୍ପାଦକ ବଂଶୀଧର ଖାଡ଼ଙ୍ଗା ସୂଚନା ଦେଇଛନ୍ତି। ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସୁରକ୍ଷା ପାଇଁ ସ୍ଥାନୀୟ ଥାନା ଅଧିକାରୀ ସୁକୁମା ହାସଦାଙ୍କ ନେତୃତ୍ୱରେ ଏଏସ୍‌ଆଇ ଲକ୍ଷ୍ମୀକାନ୍ତ ପଣ୍ଡାଙ୍କ ସହ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଏଥିରେ ସୁକାନ୍ତ ବାଣୁଆ, ବାସ ପ୍ରଧାନୀ, ସଦାଶିବ ପ୍ରଧାନୀ, ସୁରେଶ ସୁବୁଦ୍ଧି, ଧନୁ ବିଷୋୟୀ, ବିଶ୍ୱନାଥ ବିଷୋୟୀ, ଭାସ୍କର ଗୌଡ଼, ମୁନା ବିଷୋୟୀ, ଦଶରଥ ମୁଦୁଲି ଓ ଗୟା ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ଅଧାପନ୍ତରିଆରେ ମଶାଣି ଗୃହ: ବିଲ୍ ପାଇନାହାନ୍ତି ଠିକାଦାର

ଦଶମନ୍ତପୁର, ୧୭।୧ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ମୁଜାଙ୍ଗ ପଞ୍ଚାୟତ ଅଧୀନ ଭଞ୍ଜପଦର ଗ୍ରାମରେ ଦୀର୍ଘ ୬ ବର୍ଷ ହେବ ମଶାଣି ଗୃହ ଅଧାପନ୍ତରିଆ ଭାବେ ପଡିରହିଛି। ୨୦୧୮-୧୯ରେ ମଶାଣି ଗୃହ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ହୋଇଥିବା ବେଳେ ୨ ଲକ୍ଷ ବ୍ୟୟ ଅଟକଳ ଥିବା ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ରାଜୀବ ସାଉଁତା ସୂଚନା ଦେଇଛନ୍ତି। ଗାଁର ମଶାଣି ଗୃହ ୬ ବର୍ଷ ପୂର୍ବେ ଲିଂଟେଲ ଲେଭଲ ଯାଏ ନିର୍ମାଣ କରାଯାଇଛି। କିନ୍ତୁ ଏ ନେଇ କୌଣସି କିସ୍ତିର ବିଲ୍ ମିଳି ନ ଥିବାରୁ ଏହା ଅଧାପନ୍ତରିଆ ଛାଡ଼ି ଦିଆଯାଇଛି ବୋଲି ଠିକାଦାର ସାଉଁତା କହିଛନ୍ତି। କୌଣସି ବିଲ୍ ମିଳି ନ ଥିବାରୁ ଶ୍ରମିକମାନଙ୍କୁ ମଧ ପାରିଶ୍ରମିକ ପ୍ରଦାନ କରାଯାଇ ନ ଥିବା ସେ କହିଛନ୍ତି। ଗ୍ରାମରେ ଆବଶ୍ୟକ ମଶାଣି ଗୃହ ଅଧାପନ୍ତରିଆ ଥିବାରୁ ବର୍ଷାଋତୁରେ ଶବଦାହ ସମୟରେ ଆଶ୍ରୟସ୍ଥଳୀ ନ ଥିବାରୁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଥିବା ଗ୍ରାମର ଲକ୍ଷ୍ମଣ ସାଉଁତା, ଲଇ ଜାନି, ରାଜୀବ ସାଉଁତା, ସୁବା ସାଉଁତା, ସୀତାରାମ ସାଉଁତା, ସନିଆ ସାଉଁତାଙ୍କ ସହ ଗ୍ରାମବାସୀ କହିଛନ୍ତି। ଅଧାପନ୍ତରିଆ ଭାବେ ଥିବା ମଶାଣି ଗୃହର ବିଲ୍ ପୈଠକରି ଏହାକୁ ଶୀଘ୍ର ସମ୍ପୂର୍ଣ୍ଣ କରା ନ ଗଲେ ଆଗାମୀ ଦିନରେ ଜିଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ଅଭିଷେକ ଷଡ଼ଙ୍ଗୀଙ୍କୁ ପଚାରିବାରୁ ତଦନ୍ତକରି କାର୍ଯ୍ୟ ଶେଷ କରାଯିବ ଏବଂ କାର୍ଯ୍ୟାନୁଷ୍ଠାନ ମଧ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ



କୋରାପୁଟ, ୧୭।୧ (ଅମିତାଭ ବେହେରା)

କୋରାପୁଟ ସ୍ଥାନୀୟ ଦକ୍ଷତା ବିକାଶ ତାଲିମ କେନ୍ଦ୍ରର ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭି. କୀର୍ତ୍ତିଭାସନଙ୍କ ସଭାପତିତ୍ୱରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର ଏବଂ କୋରାପୁଟ ବ୍ଲକ୍ ଅଧକ୍ଷା ନମିତା ମାଝୀ, ଜିଲା ଭାଜପା ସଭାପତି ସୁମନ୍ତ ପ୍ରଧାନ ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ ଶିସା ବୈଠକର ଉଦ୍ଦେଶ୍ୟ ନେଇ ଆଲୋକପାତ କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ସାଧାରଣତନ୍ତ୍ର ଦିବସରେ ରାମଧୁନ, ପ୍ରଭାତଫେରି ସହ ସମସ୍ତ ଅନୁଷ୍ଠାନରେ ସକାଳ ୭ରୁ ୮ଟାରେ ଜାତୀୟ ପତାକା ଉତ୍ତୋଳନ ହେବ। ସ୍ଥାନୀୟ ପୋଲିସ ପରେଡ୍ ପଡିଆରେ ସକାଳ ୯ଟାରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ନିକଟରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱ ଲାଭ କରିଥିବା ବ୍ୟକ୍ତିଙ୍କୁ, ଜିଲାର ବିଭିନ୍ନ ବିଭାଗର ଶ୍ରେଷ୍ଠ କର୍ମଚାରୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିବେ। ସାଧାରଣତନ୍ତ୍ର ଦିବସରେ ସ୍ୱାସ୍ଥ୍ୟ ବିଭାଗ ଏବଂ ସମସ୍ତ ସରକାରୀ ବିଭାଗ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ବୈଠକରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ଲାଇନ ବିଭାଗର ଅଧିକାରୀ, ବିଭିନ୍ନ ମହାବିଦ୍ୟାଳୟର ଅଧାପକ, ବିଦ୍ୟାଳୟର ଶିକ୍ଷକ, ପରିଚାଳନା କମିଟି ସଦସ୍ୟ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଆଧାପକ ରବି ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଭାଇଚାରାର ବାର୍ତ୍ତା ନେଇ ଚାଲି ଚାଲି ଭାରତ ଭ୍ରମଣ

କୋରାପୁଟ, ୧୭।୧ (ଅମିତାଭ ବେହେରା)

ଭାଇଚାରାର ପ୍ରଚାର ନେଇ ଝାଡ଼ଖଣ୍ଡ ଧାନବାଦ ଅଞ୍ଚଳର ଶଶୀନାଥ ସିଂ ପଦଯାତ୍ରାରେ ବାହାରି ଗୁରୁବାର କୋରାପୁଟରେ ପହଞ୍ଚିଛନ୍ତି। ଜାନୁଆରୀ ୭ରୁ ସେ ଧାନବାଦରୁ ଚାଲି ଚାଲି ବାହାରିଥିଲେ। କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ଜିଲାପାଳ ଭି. କୀର୍ତ୍ତିଭାସନଙ୍କୁ ଶଶୀ ସାକ୍ଷାତ କରିଥିବା ବେଳେ ଜିଲାପାଳ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଯାତ୍ରାର ଶୁଭକାମନା ଦେଇଛନ୍ତି। ସମଗ୍ର ଭାରତ ବୁଲି ପରସ୍ପର


ଶଶିକାନ୍ତଙ୍କୁ ଜିଲାପାଳ ଶୁଭେଚ୍ଛା ଜଣାଉଛନ୍ତି ।

## ଯୁବକଙ୍କୁ ଶୁଭେଚ୍ଛା ଜଣାଇଲେ ଜିଲାପାଳ

ମଧ୍ୟରେ ଭ୍ରାତୃତ୍ୱର ସମ୍ପର୍କ ସୃଷ୍ଟିକରିବା, ନିଜ ରାଜ୍ୟର କଳା ସଂସ୍କୃତି ଓ ପରମ୍ପରା ବାଣ୍ଟିବା ସହ ଅନ୍ୟ ରାଜ୍ୟର କଳା ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଜାଣିବା ଲକ୍ଷ୍ୟ ନେଇ ପାଦରେ ଚାଲି ବୁଲିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଧାନବାଦରୁ ୧୦ ଦିନରେ କୋରାପୁଟରେ ପହଞ୍ଚିଥିବା କହିଛନ୍ତି। ପୂର୍ବରୁ ଚାଲି ଚାଲି ଅଯୋଧ୍ୟା ଓ ଆସାନସୋଲ ଯାଇଥିବା ସୂଚନା ଦେଇଛନ୍ତି। ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ବେଣୁଧର ଶବର, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ ଶିସା ପ୍ରମୁଖ ଉପସ୍ଥିତ ଥିଲେ।

# ଆକରପାଲ୍ଲୀରେ ବିଦ୍ୟୁତ୍ ସମସ୍ୟା ଦୂରହେଲା

ମାଲକାନଗିରି, ୧୭।୧ (ଦୁର୍ଯ୍ୟୋଧନ ପାତ୍ର)

## 'ଧରିତ୍ରୀ' ପ୍ରଭାବ

ମାଲକାନଗିରି ଥାନା ଅନ୍ତର୍ଗତ ମାଟାପାକା ଗ୍ରାମ ପଞ୍ଚାୟତର ଛତିଶଗଡ ସୀମାକୁ ଲାଗି ରହିଥିବା ଆକରପାଲ୍ଲୀ ଗ୍ରାମରେ ଗତ ପ୍ରାୟ ୧ମାସ ହେଲା ବିଜୁଳି ସମସ୍ୟା ଲାଗି ରହିଥିଲା। ଏହାର ପ୍ରତିବାଦରେ ସ୍ଥାନୀୟ ବାସନ୍ଦା ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହା ପୂର୍ବରୁ ଗ୍ରାମବାସୀ ବିଦ୍ୟୁତ ବିଭାଗ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଦାବିପତ୍ରରେ ଉଲ୍ଲେଖ କରିଥିଲେ। ତେବେ ବିଦ୍ୟୁତ ସମସ୍ୟାର ସମାଧାନ କରା ନ ଗଲେ ଗ୍ରାମବାସୀ ବାଧ ହୋଇ ନିକଟରେ ଥିବା ଛତିଶଗଡରେ ମିଶିବେ ବୋଲି ଗଣମାଧମ ନିକଟରେ ପ୍ରକାଶ କରିଥିଲେ। ଯାହାକୁ ନେଇ 'ଧରିତ୍ରୀ'ରେ ଖବର ପ୍ରକାଶିତ ହେବା ପରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏହି ଘଟଣାକୁ ଗୁରୁତ୍ୱ ଦେଇ ଏହାର ସମାଧାନ କରାଯାଇଥିବା ନେଇ ସୋସିଆଲ ମିଡିଆ ଏକ୍ସ ମାଧମରେ ସୂଚନା ଦିଆଯାଇଛି।

# ଜୟପୁରରେ ନୂତନ ଏବିଇଓଙ୍କ ଦାୟିତ୍ୱ ଗ୍ରହଣ

ଜୟପୁର, ୧୭।୧ (ପବନ ପାଣିଗ୍ରାହୀ)

ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ନୂତନ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ(ଏବିଇଓ) ପ୍ରିୟମ୍ବଦା ପାତ୍ର ଯୋଗ ଦେଇଛନ୍ତି। ତାଙ୍କୁ ଲକ୍ଷ୍ମୀପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଜୟପୁର କାର୍ଯ୍ୟାଳୟକୁ ବଦଳି କରାଯାଇଛି। ଜୟପୁର ବିଇଓଙ୍କ କାର୍ଯ୍ୟାଳୟର ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ପଦବୀ ଖାଲି ପଡିଥିଲା। ୩ ଗୋଷ୍ଠୀ ଶିକ୍ଷାଧିକାରୀ ପଦବୀରେ ଜଣେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ସତପଥି କୁନ୍ଦୁରାରୁ ବଦଳି ହୋଇ କାର୍ଯ୍ୟ କରୁଥିଲେ। ଦୀର୍ଘ ଦିନରୁ ପଦବୀଗୁଡିକ ଖାଲି ପଡିବାରୁ କାର୍ଯ୍ୟରେ ଅସୁବିଧା ହେଉଥିବା ବେଳେ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଅସନ୍ତୋଷ ପ୍ରକାଶ କରୁଥିଲେ।


ନୂତନ ଏବିଇଓଙ୍କୁ ସ୍ୱାଗତ କରାଯାଉଛି।

# ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ


ଶିବିରରେ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ବୈପାରୀଗୁଡ଼ା, ୧୭।୧ (କଳ୍ପତରୁ ମହାନ୍ତି)

ବୈପାରୀଗୁଡ଼ା ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିବେଦିତା ଦଣ୍ଡସେନା ଓ ପଞ୍ଚାୟତ ସମିତି ଉପାଧକ୍ଷା ପୂର୍ଣ୍ଣିମା ବାରିକ ଯୋଗ ଦେଇ ଶିବିରର ଉଦ୍ଦେଶ୍ୟ ନେଇ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଅନୁଷ୍ଠାନର ଅଧକ୍ଷ କୁମୁଦ ରଞ୍ଜନ ମହାରଣା ଆତ୍ମରକ୍ଷା କୌଶଳ ବାଳିକାମାନଙ୍କର ସୁରକ୍ଷା ସହ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସହାୟକ ହେବ ବୋଲି କହିଥିଲେ। ଶିବିରରେ ସୁବାଷିନୀ ପ୍ରଧାନ ଓ ରିନାଲି ଗୌଡ଼ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଅଧାପକ ଭଗବାନ ପ୍ରଧାନ ପରିଚାଳନା କରିଥିଲେ।

# ଚୋରି ମାମଲାରେ ଜଣେ ଗିରଫ, ୩ ଗାଡ଼ି ଜବତ

ଜୟପୁର, ୧୭।୧ (ପବନ ପାଣିଗ୍ରାହୀ)

ଗାଡ଼ି ଚୋରି ମାମଲାରେ ଜୟପୁର ଟାଉନ ପୋଲିସ ପାୱାର ହାଉସ ମାଝି କଲୋନୀର ଅଭିଯୁକ୍ତ ଲବ ମୁଦୁଲିଙ୍କୁ ଗିରଫ କରି ୩ ସ୍କୁଟି ଜବତ କରିଛି। ଜାନୁଆରୀ ୩ରେ ମହାରାଣୀ ପେଟା ଅଞ୍ଚଳର ଏସ. ଭେଙ୍କଟ୍ ରାଜୁ ତାଙ୍କ ସ୍କୁଟି ଭାଦ୍ରା ସାହିର ଭୋଲା ବାସୁ ଦୋକାନ ନିକଟରେ ରଖିଥିବା ବେଳେ ଚୋରି ହୋଇଥିଲା। ଏ ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କାରି ତଦନ୍ତ ଆରମ୍ଭ କରିଥିଲା। ପୁଣି ଦୈନିକ ବଜାରରୁ ମଧ ଏକ ସ୍କୁଟି ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଉଭୟ ମାମଲାକୁ ଭିତ୍ତି କରି ଏସ୍‌ଆଇ ଏସ.କେ ବେହେରା ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଧରିଥିଲେ। ତାଙ୍କଠାରୁ ୨୦୨୦ରେ ଚୋରି ହୋଇଥିବା ଏକ ସ୍କୁଟି ମଧ ଜବତ ହୋଇଥିବା ଟାଉନଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ କହିଛନ୍ତି।

# ଗଡ଼ପଦର, ପାଲ୍ଲିଗୁଡା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୧୭।୧ (ପବନ ପାଣିଗ୍ରାହୀ)

ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ବେଳେ ଗଡପଦର ଓ ପାଲ୍ଲିଗୁଡା ଜଙ୍ଗଲରେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇଛି। ବ୍ୟବସାୟୀମାନେ ଚମ୍ପଟ ମାରିଥିବା ବେଳେ ବହୁ ମଦ ଭାଟି ଭାଙ୍ଗିବା ସହ ୭ ଶହ ଲିଟର ପୋଚ ଓ ୮୦ ଲିଟର ଦେଶୀ ମଦ ଜବତ କରାଯାଇଛି। ମଦ ରନ୍ଧା ସରଞ୍ଜାମ ଓ ଡ୍ରମ ଆଦିକୁ ଜବତ କରାଯାଇଥିବା ଅବକାରୀ ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତ।

# କଲେଜରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ସୁନାବେଡା/ସେମିଳିଗୁଡ଼ା, ୧୭।୧
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡ଼ା ମହାବିଦ୍ୟାଳୟରେ ଦୁଇଦିନିଆ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ସାମାଜିକକର୍ମୀ କୃଷ୍ଣ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେମିଳିଗୁଡ଼ା ସହରର ଅଧିଷ୍ଠାତ୍ରୀ ଦେବୀ ଗଙ୍ଗା ମା'ଙ୍କ ମନ୍ଦିର ପ୍ରାଙ୍ଗଣରୁ ଉତ୍ସବ ମଶାଲକୁ କ୍ରୀଡ଼ାବିତ୍ ପଦ୍ମନ୍ ହନ୍ତାଳ ଓ ସହଯୋଗୀ ଆଣି ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। କ୍ରୀଡ଼ା ସଂସଦର ଉପଦେଷ୍ଟା ଅଧାପକ ଶିବାଶିଷ ପଟ୍ଟନାୟକ ସ୍ୱାଗତ ଭାଷଣ କରିଥିଲେ। ଯୁବଶକ୍ତିର ଚରିତ୍ର ଗଠନରେ କ୍ରୀଡ଼ାର ଗୁରୁତ୍ୱ ରହିଛି ଓ ଉତ୍ସବରେ ଅଧିକରୁ ଅଧିକ କ୍ରୀଡ଼ାପ୍ରେମୀଙ୍କ ମନରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି କରୁ ବୋଲି ମୁଖ୍ୟ ଅତିଥି ସିଂହ କହିଥିଲେ। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡ଼ ଝାନସି ସିଂହଙ୍କ ସଭାପତିତ୍ୱରେ କ୍ରୀଡ଼ା ଶିକ୍ଷକ ହରପ୍ରସାଦ ପତି, ଅଧାପକ ଶୁଭ୍ରାଂଶୁ ସୁନ୍ଦର ଦାସ, ଦେବରାଜ ନାୟକ, ବବିତା ମିଶ୍ର, ଦେବାନନ୍ଦ ନାୟକ, ସୁରେଶ ପାଇକରାୟ, ଡ଼ ପ୍ରୀତିସ ବେହେରା, ପ୍ରେମାନନ୍ଦ ରାଉତ, ନିରଞ୍ଜନ ପୋଢ଼, ଅଧାପିକା ଦିଗେଶ୍ୱରୀ ଶିଖା, ରଶ୍ମିତା ସାହୁ, ରତ୍ନମଣି କହଁର, ଅମିତା ଦାସ, ଅଣ ଶୈକ୍ଷିକ କର୍ମଚାରୀ ବିନୋଦ ଲେଙ୍କା, ବିଜୟ ପ୍ରସାଦ ପାଙ୍ଗି, ବିନୋଦ ପଣ୍ଡା, ପ୍ରଭାତ ପରିଡ଼ା ଓ ଶେଷଦେବ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୧୬ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।


କ୍ରୀଡ଼ା ମଶାଲ ସହ ମୁଖ୍ୟ ଅତିଥି ଓ ଅନ୍ୟମାନେ।

# ଶିକ୍ଷା ଅବ୍ୟବସ୍ଥା ନେଇ ବିଇଓଙ୍କ ସହ ସରପଞ୍ଚ, ଜିଲା ପରିଷଦ ସଭ୍ୟାଙ୍କ ଆଲୋଚନା

ପଟ୍ଟାଙ୍ଗି, ୧୭।୧ (ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍‌ରେ ଶିକ୍ଷାର ଅବ୍ୟବସ୍ଥାକୁ ନେଇ ବ୍ଲକ୍‌ର ସଦର ପଞ୍ଚାୟତ ସରପଞ୍ଚ ଆଲମେ ଫୁଲ ଏବଂ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ ବ୍ଲକ୍ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ବିଇଓ ଟି. ମିନତୀଙ୍କ ସହ ଆଲୋଚନା କରିଛନ୍ତି। ଆନ୍ଧ୍ରକୁ ଲାଗି ଥିବା ପଟ୍ଟାଙ୍ଗି ବ୍ଲକ୍‌ରେ ଶିକ୍ଷାର ବିକାଶ ଭୁଶୁଡିବାକୁ ଲାଗିଥିଲେ ମଧ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ନେଇ ସରପଞ୍ଚ ଫୁଲ ଏବଂ ଜିଲା ପରିଷଦ ସଭ୍ୟା ଗେମେଲ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶିକ୍ଷା ବ୍ୟବସ୍ଥା ସୁଧୁରିଲେ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିବ ବୋଲି ସେମାନେ କହିଛନ୍ତି। ସରପଞ୍ଚ ଫୁଲଙ୍କ ନିଜସ୍ୱ ଗ୍ରାମ ବିତୁଗୁଡାରେ ଥିବା ପ୍ରାଥମିକ ବିଦ୍ୟାଳୟରେ ୩ ଶିକ୍ଷକ କାର୍ଯ୍ୟରତ ଥିଲେ। ୨ ଶିକ୍ଷକଙ୍କୁ ଅନ୍ୟ ବିଦ୍ୟାଳୟକୁ ଡେପୁଟେଶନ କରାଯାଇଥିବା ନେଇ ସରପଞ୍ଚ ଫୁଲ ଅସନ୍ତୋଷ ପ୍ରକାଶକରି ବିଇଓ ମିନତୀଙ୍କୁ ଜଣାଇଛନ୍ତି। ନିୟୋଜିତ ହୋଇଥିବା ଅଧିକାରୀମାନଙ୍କର ଶିକ୍ଷାର ବ୍ୟବସ୍ଥାକୁ ସୁଧାରିବାରେ କୌଣସି ଆନ୍ତରିକତା ନ ଥିବା ସେ କହିଛନ୍ତି। ବ୍ଲକ୍‌ର ଶିକ୍ଷା ବ୍ୟବସ୍ଥାକୁ ସୁଧାରିବା ପାଇଁ ଜିଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କଲେ ସମସ୍ତ ପଞ୍ଚାୟତ ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକରେ ତାଲା ପକାଇ ପ୍ରତିବାଦ କରାଯିବ ବୋଲି ସରପଞ୍ଚ ଫୁଲ ଚେତାବନୀ ଦେଇଛନ୍ତି।


ବିଇଓଙ୍କ ଟି. ମିନତୀଙ୍କ ସହ ସରପଞ୍ଚ ଓ ଜିଲା ପରିଷଦ ସଭ୍ୟା ଆଲୋଚନା କରୁଛନ୍ତି ।

